## କମ୍ବଳ, ଗୀତା ପୁସ୍ତିକା ବଣ୍ଟନ

ଢେଙ୍କାନାଳ,୧୨।୧୨(ରତନ ନାୟାର)

ପୁରୀସ୍ଥିତ ରାଜ୍ୟସ୍ତରୀୟ 'ଜଗା ଚାକର ସଂଘ' ପକ୍ଷରୁ ମାର୍ଗଶୀର ଶେଷ ଗୁରୁବାର ଢେଙ୍କାନାଳସ୍ଥିତ ନନ୍ଦିନୀ ଦେବୀ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ କମ୍ବଳ ସହ ଶ୍ରୀମଦ୍ ଭଗବତ ଗୀତା ପୁସ୍ତିକା ଓ ପେନ୍ ବଣ୍ଟନ କରାଯାଇଥିଲା । ଆୟୋଜିତ ସଭାରେ ସଂଘର ଢେଙ୍କାନାଳ ଜିଲା ସଂଯୋଜକ ଅବିନାଶ ବରାଳ ଅଧ୍ୟକ୍ଷତା କରିଥିଲେ । ଜିଲା ସର୍ବୋଦୟ ମଣ୍ଡଳର ଉପସଭାପତି ଅନ୍ତର୍ଯ୍ୟାମୀ ବରାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଂଘର ଆଭିମୁଖ୍ୟ ସଂପର୍କରେ ସୂଚନା ଦେଇଥିଲେ । ଢେଙ୍କାନାଳ ଜିଲା ଶ୍ରୀଜଗନ୍ନାଥ ସେବା ପରିଷଦର ସଭାପତି ପ୍ରଦ୍ୟୁମ୍ନ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପୁରୀ ଶ୍ରୀମନ୍ଦିର ସହ ପୂର୍ବ ଢେଙ୍କାନାଳ ରାଜ୍ୟର ଥିବା ସ୍ୱତନ୍ତ୍ର ସମ୍ପର୍କ ବିଷୟରେ ରଥ ସୂଚନା ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ତୁଳସୀ ଉଦ୍ୟାନ ପ୍ରତିଷ୍ଠା ପାଇଁ ଚାରା ରୋପଣ କରାଯାଇଥିଲା । ଜଗା ଚାକର ସଂଘ ପକ୍ଷରୁ ଢେଙ୍କାନାଳର ପ୍ରତାପ ପଣ୍ଡା, ରାଜୀବ ବିଶ୍ୱାଳ, ସୌମ୍ୟରଞ୍ଜନ ପାଣି, ଜିରାଳର ସୁଧାକର ପରିଡା ଓ ବିଦ୍ୟାଳୟର ଶିକ୍ଷକ ସରୋଜ ସାମଲ ପ୍ରମୁଖ ସହଯୋଗ କରିଥିଲେ ।

# ମନ୍ଦିର ପ୍ରତିଷ୍ଠାକୁ ନେଇ ଦୁଇଗୋଷ୍ଠୀ ମୁହାଁମୁହିଁ

### ପ୍ରତିଷ୍ଠା ଉତ୍ସବ ବନ୍ଦ ହେବାରୁ ଗୋଟିଏ ଗୋଷ୍ଠୀ ପକ୍ଷରୁ ଧାରଣା



ଜିଲା କାର୍ଯ୍ୟାଳୟରେ ଗ୍ରାମର ଗୋଟିଏ ଗୋଷ୍ଠୀ ଧାରଣା ଦେଇଛନ୍ତି।

ଢେଙ୍କାନାଳ,୧୨।୧୨(ରତନ ନାୟାର)

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ବାଲିମୀ ଥାନା ଖାଡ଼ବନ୍ଧ ଗ୍ରାମରେ ମା' ବାଟମଙ୍ଗଳା ମନ୍ଦିର ପ୍ରତିଷ୍ଠାକୁ ନେଇ ଗ୍ରାମର ଦୁଇଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଗୋଟିଏ ଗୋଷ୍ଠୀ ବୁଧବାର ଜିଲା ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇ ଗ୍ରାମର ନୂତନ କମିଟି ଗଠନ ହେବା ପର୍ଯ୍ୟନ୍ତ ନୂତନ ମନ୍ଦିର ନିର୍ମାଣ ଓ ପ୍ରତିଷ୍ଠା ଉତ୍ସବ ଭଳି ସାମୟିକ କାର୍ଯ୍ୟକୁ ବନ୍ଦ ରଖିବା ପାଇଁ ଦାବି କରିଥିଲେ। ଏହାପରେ ବାଲିମୀ ଥାନା ପୋଲିସ ଗ୍ରାମରେ ଗୁରୁବାର ହେବାକୁ ଥିବା ମନ୍ଦିର ପ୍ରତିଷ୍ଠା ଉତ୍ସବକୁ ବନ୍ଦ ରଖିଥିଲେ। ଏହାର ପ୍ରତିବାଦରେ ଅପରଗୋଷ୍ଠୀ ଗୁରୁବାର ମଧ୍ୟାହ୍ନରେ ଜିଲା କାର୍ଯ୍ୟାଳୟରେ ବହୁ ସଂଖ୍ୟାରେ ଆସି ଧାରଣା ଦେଇଥିଲେ । ଧାରଣା ପ୍ରଦାନକାରୀ ଗୋଷ୍ଠୀର ଅଭିଯୋଗରୁ ଜଣାପଡିଛି ଯେ, ବହୁ ଦିନରୁ ଗ୍ରାମରେ ମା' ବାଟ ମଙ୍ଗଳାଙ୍କ ମନ୍ଦିର ନିର୍ମାଣ ଗ୍ରାମ ପରିଚାଳନା କମିଟିର ତତ୍ତ୍ୱାବଧାନରେ ଗ୍ରାମବାସୀ ସମାପନ କରୁଥିଲେ। ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ଗୁରୁବାର ଏହି ମନ୍ଦିରର ବିଗ୍ରହ ପ୍ରତିଷ୍ଠା ହେବା ପାଇଁ ସମସ୍ତ ପ୍ରକାର ଆୟୋଜନ ହୋଇଥିଲା। କିନ୍ତୁ ଗ୍ରାମର କିଛି ମୁଷ୍ଟିମେୟ ବ୍ୟକ୍ତି ୨୨ଜଣ ଲୋକଙ୍କ ଦସ୍ତଖତ ମଧ୍ୟରୁ କିଛି ମିଥ୍ୟା ଦସ୍ତଖତ କରି ଏସ୍‌ପିଙ୍କ ପାଖରେ ଏହି ପୂଜା ବନ୍ଦ କରିବାକୁ ଅଭିଯୋଗ କରିଥିଲେ । ଅଭିଯୋଗ ଅନୁଯାୟୀ ବାଲିମୀ ଥାନା ପୋଲିସ ବିନା କୌଣସି ଆଇନଗତ ନୋଟିସ ନ ଦେଇ ଗୁରୁବାର ସକାଳେ ପ୍ରତିଷ୍ଠା ଉତ୍ସବକୁ ବନ୍ଦ କରିଥିଲେ । ଗ୍ରାମବାସୀଙ୍କ ଆଧାତ୍ମିକ ଚେତନାକୁ କୁଠାରଘାତ ନ କରି ମା' ବାଟ ମଙ୍ଗଳାଙ୍କ ବିଗ୍ରହ ଏବଂ ମନ୍ଦିର ପ୍ରତିଷ୍ଠା ଉତ୍ସବକୁ ସମାପନ କରିବା ପାଇଁ ଅନୁମତି ପ୍ରଦାନ ନିମନ୍ତେ ଖାଡ଼ବନ୍ଧ ଗ୍ରାମ ପରିଚାଳନା କମିଟି ସଭାପତି ଗଣେଶ୍ୱର ସାହୁ, ସମ୍ପାଦକ ହିମାଂଶୁ ଭୂଷଣ ସାହୁ, ଅନ୍ତର୍ଯ୍ୟାମୀ ସାହୁ, ସମେରନ୍ଦ୍ର ସାହୁଙ୍କ ସମେତ ବହୁ ଗ୍ରାମବାସୀ ଜିଲାପାଳଙ୍କୁ ଲିଖିତ ଭାବରେ ଜଣାଇଛନ୍ତି। ଯଦି ଏ ସମ୍ପର୍କରେ ପଦକ୍ଷେପ ଗ୍ରହଣ କରାନଯାଏ ତେବେ ଗ୍ରାମର ସମସ୍ତ ଦେବାଦେବୀଙ୍କ ପୂଜା ପାର୍ବଣକୁ ସବୁଦିନ ପାଇଁ ବନ୍ଦ କରାଯାଉ ବୋଲି ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି । ଏହାର ଉଚିତ ସମାଧାନ କରା ନ ଗଲେ ଗ୍ରାମବାସୀ ବାଧହୋଇ ଆନ୍ଦୋଳନ ସହ ଆଇନର ଆଶ୍ରୟ ନେବେ ବୋଲି କହିଛନ୍ତି । ଏହି ଦାବିପତ୍ରର ନକଲ ଏସ୍‌ପି ଓ ହିନ୍ଦୋଳ ତହସିଲଦାରଙ୍କୁ ଦିଆଯାଇଥିବା ସୂଚନା ଦିଆଯାଇଛି । ଢେଙ୍କାନାଳ ଜିଲା କାର୍ଯ୍ୟାଳୟରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ସହ ଅଭିଯୋଗକାରୀଙ୍କ ଏକ ପ୍ରତିନିଧି ଦଳ ଏସ୍‌ପି ଅଭିନବ ସୋନକରଙ୍କ ଉପସ୍ଥିତିରେ ଆଲୋଚନା କରିଥିଲେ । ଯେହେତୁ ଏହି ବିବାଦର ସମ୍ପୂର୍ଣ୍ଣ ତଥ୍ୟ ହସ୍ତଗତ ହୋଇନଥିବା ଯୋଗୁ ଉଭୟ ପକ୍ଷଙ୍କୁ ଡାକି ଆଲୋଚନା କରିବା ପରେ ପରବର୍ତ୍ତି ନିଷ୍ପତ୍ତି ନିଆଯିବ ବୋଲି ଜିଲାପାଳ ପ୍ରତିନିଧି ଦଳଙ୍କୁ କହିଥିବା ଧାରଣା ପ୍ରଦାନକାରୀ ଗ୍ରାମବାସୀମାନେ ସୂଚନା ଦେଇଛନ୍ତି।

## ଶାନ୍ତି ମହାଯଜ୍ଞରେ ମୁଖ୍ୟମନ୍ତ୍ରୀଙ୍କ ସ୍ତ୍ରୀ ସାମିଲ



ସାତମାଇଲ, ୧୨।୧୨ (ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ବାଲିମି ଥାନା ଅନ୍ତର୍ଗତ ରଞ୍ଜାଗୋଳଠାରେ ପଞ୍ଚକୁଣ୍ଡୀୟ ବ୍ରହ୍ମ ଏକାକ୍ଷର ଶାନ୍ତି ମହାଯଜ୍ଞ ଧୁମ୍‌ଧାମରେ ପାଳିତ ହେଉଛି। ବିଶ୍ୱ ଭାତୃତ୍ୱ ଦିବ୍ୟାତ୍ମା ପରିଷଦ ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘ, କ୍ଷିତିଜ୍ୟୋତି ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର ମାହାଙ୍ଗା ଓ ଅଭିଭକ୍ତ ଢେଙ୍କାନାଳ ଜିଲା ସଂଗଠନ ଅନ୍ତର୍ଗତ ସମସ୍ତ ଶାଖାର ମିଳିତ ଆନୁକୂଲ୍ୟରେ ୫ଦିନ ବ୍ୟାପି ହେଉଥିବା ବ୍ରହ୍ମ ଏକାକ୍ଷର ପଞ୍ଚକୁଣ୍ଡୀୟ ଶାନ୍ତି ମହାଯଜ୍ଞ ବୁଧବାର ଅପରାହ୍ନରେ କଳସାଧିବାସ, ଯଜ୍ଞ ମଣ୍ଡପ ପ୍ରତିଷ୍ଠା ସହ ଅଙ୍କୁରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁରୁବାର ସୂର୍ଯ୍ୟ ପୂଜା ପରେ ଅଖଣ୍ଡନାମ ଯଜ୍ଞ, ଅଗ୍ନ୍ୟାଧିବାସ ପୂଜା କର୍ମ ରୀତିନୀତି ପୂର୍ବକ ଅନୁଷ୍ଠିତ ହୋଇଥିଲା। ଏଭଳି ଏକ ଭବ୍ୟ କାର୍ଯ୍ୟକ୍ରମରେ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସ୍ତ୍ରୀ ଡ. ପ୍ରିୟଙ୍କା ମାରାଣ୍ଡି ଯୋଗଦେଇ ମହାଯଜ୍ଞରେ ବିଶ୍ୱକଲ୍ୟାଣ ନିମନ୍ତେ ଘୃତ ଆହୁତି ପ୍ରଦାନ କରିଥିଲେ। ସମାଜର ପ୍ରତ୍ୟକ ବର୍ଗରେ ବସବାସ କରୁଥିବା ଅଧିବାସୀଙ୍କ ମଙ୍ଗଳ କାମନା କରିଥିଲେ। ଆସନ୍ତା ୧୫ ତାରିଖ ରବିବାର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହେବ ବୋଲି ଅନୁଷ୍ଠାନର କର୍ମକର୍ତ୍ତା ପ୍ରକାଶ କରିଛନ୍ତି।

## ଗଣେଶ ବଜାର ପୂଜା କମିଟି ପକ୍ଷରୁ ମାଣବସା ଗୁରୁବାର



ଢେଙ୍କାନାଳ,୧୨।୧୨(ରତନ ନାୟାର)

ଢେଙ୍କାନାଳ ସହର ଗଣେଶ ବଜାର ପୂଜା କମିଟି ପକ୍ଷରୁ ମାଣବସା ଗୁରୁବାର ଉତ୍ସବ ପାଳିତ ହୋଇଯାଇଛି। ମାଗର୍ଶୀର ମାସ ଶେଷ ଗୁରୁବାର ଦିନ ଏହି ଉତ୍ସବ ପାଳିତ ହୋଇଛି । ପ୍ରାତଃ ସମୟରୁ ଅଞ୍ଚଳର ମହିଳାମାନେ ମା' ସୌଭାଗ୍ୟ ମହାଲକ୍ଷ୍ମୀଙ୍କ ମନ୍ଦିରେ ଚିତା ଓ ଝୋଟି ପକାଇଥିଲେ । ପୂଜକଙ୍କ ଦ୍ୱାରା ରୀତିନୀତି ବିଧିବିଧାନ ଅନୁଯାୟୀ ପୂଜା ହୋଇଥିଲା। ସନ୍ଧ୍ୟା ଆଳତୀ ପରେ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ମା'ଙ୍କ ପ୍ରସାଦ ପାଇବା ପାଇଁ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା। ଗଣେଶ ବଜାର ପୂଜା କମିଟିର ସଭାପତି ସଞ୍ଜିବ କୁମାର ବେହେରା, ସମ୍ପାଦକ ଏମ୍‌ଡି ରଫିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ କମିଟିର ଅଧ୍ୟକ୍ଷ ଶେଖ ହୁସେନ, ଉପଦେଷ୍ଟା ବସନ୍ତ କୁମାର ସାହୁ ଓ ବିଶ୍ୱନାଥ ବେହେରା, ଉପସଭାପତି ଶରତ କୁମାର ସାହୁ, ସଦସ୍ୟ ଅତୁଲ କୁମାର ନାୟକ, ମାଧବ ସିଲ, ଜଗନ୍ନାଥ ହୋତା, ଶ୍ରୀକାନ୍ତ କୁମାର ସାହୁ, ଶ୍ୟାମସୁନ୍ଦର ସାହୁ ଓ ସୁଶାନ୍ତ କୁମାର ନାୟକଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ ।

# ଲିଙ୍ଗଗତ ହିଂସା ବିରୋଧୀ ଅଭିଯାନ ଉଦ୍‌ଯାପିତ

ଢେଙ୍କାନାଳ,୧୨।୧୨(ରତନ ନାୟାର)




ଢେଙ୍କାନାଳ ଜିଲା କାର୍ଯ୍ୟାଳୟର ସଦଭାବନା ସଭାଗୃହରେ ୧୬ଦିନିଆ ଲିଙ୍ଗଗତ ହିଂସା ବିରୋଧରେ ଅଭିଯାନ ଗୁରୁବାର ଉଦଯାପିତ ହୋଇଯାଇଛି । ଜିଲା ପ୍ରଶାସନ, ମହିଳା ଓ ଶିଶୁ ବିକାଶ ବିଭାଗ ଓ ସଖୀର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନିଳମଣୀ ଦିଲୀପଚାନ୍ଦ ବେହେରା, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ପୁଷ୍ପକ ତ୍ରିପାଠୀ ଓ ଜିଲା ସମାଜ ମଙ୍ଗଳ ଅଧିକାରୀ ମିତା ଶର୍ମା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ଜିଲା ଶ୍ରମ ଅଧିକାରୀ ତପନ କୁମାର ସୂତାର, ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ସସ୍ମିତା ସାହୁଙ୍କ ସମେତ ମହିଳା ମହାବିଦ୍ୟାଳୟର ଛାତ୍ରୀ ଓ ସ୍ୱେଚ୍ଛାସେବୀମାନେ ଯୋଗ ଦେଇଥିଲେ । ନଭେମ୍ବର ୨୫ରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇ ବିଭିନ୍ନ ପ୍ରତିଯୋଗିତା ଓ ସଚେତନାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶୋଭା ଅନୁଷ୍ଠାନର କାର୍ଯ୍ୟକ୍ରମ ମୁଖ୍ୟ ପ୍ରଶାନ୍ତ କୁମାର ଦାସ ପିପିଟି ମାଧ୍ୟମରେ ବିବରଣୀ ଉପସ୍ଥାପନ କରିଥିଲେ ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ପରଜଙ୍ଗ, ୧୨।୧୨ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ମହେଶ୍ଚନ୍ଦ୍ର ସୁବାହୁସିଂହ ନୋଡାଲ ବିଦ୍ୟାପୀଠ ପରିସରରେ ପରଜଙ୍ଗ ବ୍ଲକ ପ୍ରଶାସନ ଏବଂ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ସହାୟତାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଜିଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସେହିପରି ବ୍ଲକ ଉପାଧ୍ୟକ୍ଷା ଯଶଶ୍ୱିନୀ ରାଉତ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନରେଶ ଚନ୍ଦ୍ର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସରପଞ୍ଚ ସଂଘ ସଭାପତି ବିଜେନ୍ଦ୍ର ସାହୁ, ସରପଞ୍ଚ ସୁନିଲ କୁମାର ଧଳ, ବଳଭଦ୍ର ସାହୁ, ସସ୍ମିତା ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଶିବିରରେ ମାନସିକ ଅନଗ୍ରସର ୧୩୨ଜଣ, ଅସ୍ଥିଶଲ୍ୟ ୨୯୮, ଶ୍ରବଣ ବାଧିତ ୯୪, ଦୃଷ୍ଟିବାଧିତ ୭୫, ଭେଷଜ ପ୍ରଭୃତି ବିଭାଗମାନଙ୍କରେ ସମୁଦାୟ ୬୨୪ ଜଣ ରୋଗୀ ପଞ୍ଜୀକୃତ କରିଥିବା ଜଣାପଡିଛି। ବିଡ଼ିଓ ଦାୟିତ୍ୱରେ ଥିବା ଝରଣା ସାମଲଙ୍କ ନେତୃତ୍ୱରେ ଶୃଙ୍ଖଳିତ ଭାବେ ଶିବିର ପରିଚାଳିତ ହୋଇଥିଲା। ବ୍ଲକ ସାମାଜିକ ସୁରକ୍ଷା ବିଭାଗର କର୍ମଚାରୀ ପ୍ରଭାସ କୁମାର ସାମନ୍ତସିଂହାର ଓ ବାନାମ୍ବର ନାୟକ ଶିବିର ଦାୟିତ୍ୱରେ ରହିଥିଲେ।

## ବିଶ୍ୱ ମାନବାଧିକାର ଦିବସ ପାଳିତ

ପରଜଙ୍ଗ,୧୨।୧୨(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସାଆନ୍ଦା ଆଞ୍ଚଳିକ ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ଶିଶିର କୁମାର ଦେହୁରୀଙ୍କ ନେତୃତ୍ୱରେ ମଙ୍ଗଳବାର ଅନ୍ତର୍ଜାତୀୟ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପରଜଙ୍ଗ ତାଲୁକ ଆଇନସେବା କମିଟି ଅଧ୍ୟକ୍ଷ ତଥା ବିଚାରପତି ଦିଲୀପ କୁମାର ବାରିକ ଯୋଗଦେଇ ଅଧ୍ୟାପିକା,ଅଧ୍ୟାପକ ଓ ଛାତ୍ରୀଛାତ୍ରମାନଙ୍କୁ ମାନବାଧିକାର ବିଷୟ ଉପରେ ଆଲୋଚନା କରିଥିଲେ। ଯେପରିକି ମାନବାଧିକାର କ୍ଷୁର୍ଣ୍ଣ ନ ହୁଏ, ଅଦାଲତର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଅବଗତ କରାଇଥିଲେ। ସମ୍ମାନିତ ଅତିଥି ଭାବେ ପରଜଙ୍ଗ ତାଲୁକ ଆଇନସେବା ସମିତିର ବିଧି ପରାମର୍ଶଦାତା ଉନେନ୍ଦ୍ର ଲେଙ୍କା, ଅଦାଲତର କର୍ମଚାରୀ ଭବାନୀ ଶଙ୍କର ଦାଶ, ମହେନ୍ଦ୍ର ଭୋଇ, ଉପେନ୍ଦ୍ର ନାୟକ ସମେତ ଅଧ୍ୟାପକ ଜଳଧର ରାଉତ, ପଞ୍ଚାନନ ବେହେରା, ଜ୍ୟୋର୍ତିମୟୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ମିନା ବଜାର କୁମ୍ଭାର ସାହିରେ କୁରାଳ ପଞ୍ଚମୀ ପୂଜା



ଢେଙ୍କାନାଳ,୧୨।୧୨(ରତନ ନାୟାର)

ଢେଙ୍କାନାଳ ମୀନା ବଜାର କୁମ୍ଭାର ସାହିରେ ୩୭ତମ କୁରାଳ ପଂଚମୀ ପୂଜା ଗୁରୁବାର ଅନୁଷ୍ଠିତ ହୋଇଥିଲା । ଲକ୍ଷ୍ମୀ ନାରାୟଣ ହେଉଛନ୍ତି କୁମ୍ଭାରମାନଙ୍କର ଇଷ୍ଟ ଦେବତା। ଅନ୍ନ, ଡ଼ାଲି, ଶାଗ, ଆମ୍ବୁଲ ଖଟା, ତରକାରୀ, କ୍ଷୀରୀ ପ୍ରସାଦ ହୋଇ ଭକ୍ତମାନଙ୍କୁ ପ୍ରଦାନ କରାଯାଇଥିଲା । ପୂଜକ କାଳନ୍ଦୀ, କର୍ତ୍ତା ସଚ୍ଚିଦାନନ୍ଦ ବେହେରା, ସଭାପତି ଉଦୟ ନାଥ ବେହେରା, ସମ୍ପାଦକ ପ୍ରକାଶ ଚନ୍ଦ୍ର ବେହେରା ଓ କମିଟିର ସମସ୍ତ ସଦସ୍ଯ ଉପସ୍ଥିତିରେ ଏହି ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସଂଧ୍ୟାରେ ଭକ୍ତ ଶ୍ରଦ୍ଧା ଭଜନ ସଂଧ୍ୟା ଅନୁଷ୍ଠାନ ତରଫରୁ ବିଶିଷ୍ଟ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନ ପରିବେଷଣ ହୋଇଥିଲା । ଢେଙ୍କାନାଳ ପୌରପରିଷଦର ଅଧ୍ୟକ୍ଷା ଶ୍ରୀମତୀ ଜୟନ୍ତୀ ପାତ୍ର ଓ ମିଳିତ ଲକ୍ଷ୍ମୀପୂଜା କମିଟି ସଭାପତି ରାମ ଚନ୍ଦ୍ର ପାତ୍ର ମଣ୍ଡପ ପରିଦର୍ଶନ କରିଥିଲେ ।

# 'ବେକାରି ସମସ୍ୟା ଦୂର ପାଇଁ ଶିଳ୍ପ ପ୍ରତିଷ୍ଠା କରାଯିବ'

### ବିଧାୟକଙ୍କ ଖବରଦାତା ସମ୍ମିଳନୀ



ଭୁବନ,୧୨।୧୨ (ବିପିନ ବିହାରୀ ସେଠୀ)

କାମାକ୍ଷାନଗର ନିର୍ବାଚନ ମଣ୍ଡଳୀରେ ଜଙ୍ଗଲ ଜମିରେ ବସବାସ କରୁଥିବା ଲୋକମାନଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ କରାଗଲେ ଲୋକମାନଙ୍କ ସ୍ଥାୟୀ ପ୍ରମାଣ ପତ୍ର ମିଳିବା ସହିତ ଛାତ୍ରୀଛାତ୍ରମାନେ ଶିକ୍ଷା କ୍ଷେତ୍ରରେ ପରିଚୟ ପତ୍ର ପାଇପାରିବେ। ଏଥିପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ଏଥିସହିତ ବେକାର ସମସ୍ୟା ଦୂର କରିବା ପାଇଁ କଳ କାରଖାନା, ଖଣି ଓ ଶିଳ୍ପାଞ୍ଚଳ ପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହିତ ଟାଙ୍ଗରପଡା କ୍ରୋମାଇଟ ଖଣି ଓ ଅଞ୍ଚଳରେ ଅନେକ ସ୍ଥାନରେ ଚିହ୍ନଟ କରାଯାଇଥିବା ଶିଳ୍ପାଞ୍ଚଳ ପାଇଁ ପଦକ୍ଷେପ ନିଆଯିବ ବୋଲି ବିଧାୟକ ଶତୃଘ୍ନ ଜେନା କହିଛନ୍ତି। ଭୁବନ ଡାକବଙ୍ଗଳାରେ ଗୁରୁବାର କାମାକ୍ଷାନଗର ବିକାଶ ସମ୍ପର୍କରେ ବିଧାୟକ ଜେନା ଏକ ଖବରଦାତା ସମ୍ମିଳନୀ କରି ଏହି ମତ ଦେଇଛନ୍ତି। ଏଥିରେ ଭୁବନ ବ୍ଲକ ଓ ଏନଏସିର ସମସ୍ତ ଲୋକପ୍ରତିନିଧି ଉପସ୍ଥିତ ଥିଲେ।

କେନ୍ଦ୍ର ସରକାରଙ୍କ ପକ୍ଷରୁ କାମାକ୍ଷାନଗର ନିର୍ବାଚନ ମଣ୍ଡଳୀରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଅନୁଦାନ ମିଳିଥିବାରୁ କେନ୍ଦ୍ରମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଅଞ୍ଚଳର ବିକାଶରେ ଖବରଦାତାମାନଙ୍କର ମୁଖ୍ୟ ଭୂମିକା ରହିଛି ବୋଲି କହିଥିଲେ। ଭୁବନର ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ଜନ୍ମମାଟିର ଉନ୍ନତୀକରଣ, ଅଞ୍ଚଳର ଆରାଧ୍ୟ ଦେବତା ବାବା ବୁଦ୍ଧେଶ୍ୱର ଶୈବପୀଠକୁ କେନ୍ଦ୍ରୀୟ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ସାଙ୍ଗକୁ ସରକାରୀ ଅନୁଦାନରେ ଉଚ୍ଚ କୁଟୀର ଉନ୍ନତୀକରଣ, ଭୁବନ ଅଞ୍ଚଳରୁ ଢେଙ୍କାନାଳ ଜିଲାକୁ ରେଳପଥ ନିର୍ମାଣ ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ଦାବି କରାଯିବ ବୋଲି କହିଛନ୍ତି। ଭୁବନ ବ୍ଲକ ଅଧ୍ୟକ୍ଷା ଜଣେ ଲୋକପ୍ରିୟ ପ୍ରତିନିଧି ହୋଇଥିବା ବେଳେ ତାଙ୍କ ବିରୋଧରେ ହୋଇଥିବା ଅନାସ୍ଥାକୁ ନିନ୍ଦା କରି ସମସ୍ତ ଲୋକପ୍ରତିନିଧିମାନେ ବ୍ଲକ ଅଧ୍ୟକ୍ଷାଙ୍କୁ ସହଯୋଗ କରିବା ପାଇଁ ନିବେଦନ କରିଥିଲେ। ସେହିପରି ଅଞ୍ଚଳର ବିକାଶକୁ ବିରୋଧ କରି କାର୍ଯ୍ୟରେ ସମସ୍ୟା ସୃଷ୍ଟି କରୁଥିବା ବ୍ୟକ୍ତିବିଶେଷଙ୍କୁ ବିରୋଧ କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ଭୁବନ ଏନଏସି ନଗର ମଣ୍ଡଳ ସଭାପତି ଭବାନୀ ଶଙ୍କର ବେହେରା, ଭୁବନ ବ୍ଲକ ମଣ୍ଡଳ ସଭାପତି ସଞ୍ଜୟ କୁମାର ଦାସ, ଚୈତନ୍ୟ ବେହେରା, ଅଜୟ କୁମାର ଘୋଷ, ବରିଷ୍ଠ କାର୍ଯ୍ୟକର୍ତ୍ତା ସମିର କୁମାର ସାହୁ, ହୃଦାନନ୍ଦ ମହାରଣା, ଅମୂଲ୍ୟ କୁମାର ଦିବେଦୀ, ସୁରପ୍ରତାପପୁର ସରପଞ୍ଚ ସୋନି ସାମଲ, ଏକତାଳି ସରପଞ୍ଚ ଝିଲିପ୍ରଭା ବେହେରା, ମଠକରଗୋଳି ସରପଞ୍ଚ ଅଜୟ କୁମାର ନାୟକ, ଜମୁନାକୋଟ ସରପଞ୍ଚ ରଞ୍ଜନ ବାରିକ, ମାର୍ଥାପୁର ସରପଞ୍ଚ ରାଜେନ୍ଦ୍ର ନାଏକ, ଦୟଣାବିଲ ସରପଞ୍ଚ ଦିଲ୍ଲିପ କୁମାର ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି ଓ ଏନଏସିର ଲୋକ ପ୍ରତିନିଧି ଉପସ୍ଥିତ ଥିଲେ।

# ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ ଖେଳକୁଦ

ଢେଙ୍କାନାଳ,୧୨।୧୨(ରତନ ନାୟାର)



ଢେଙ୍କାନାଳ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ବାର୍ଷିକ ଖେଳକୁଦ ପ୍ରତିଯୋଗିତା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାକୁ ଭାରୋତ୍ତୋଳନ କୋଚ୍ ଗୋପାଳକୃଷ୍ଣ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାର୍ଥୀ ଜୀବନରେ ଖେଳକୁଦର ମହତ୍ୱ ଉପରେ ଆଲୋକପାତ କରିବା ସହିତ ଛାତ୍ରୀ ପ୍ରୀତିସ୍ମିତା ଭୋଇଙ୍କ ଆନ୍ତର୍ଜାତିକସ୍ତରରେ କୃତିତ୍ୱ ବିଦ୍ୟାଳୟକୁ ଗୌରବାନ୍ୱିତ କରିଛି ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ଅଭିଭାବକ-ଶିକ୍ଷକ ସଂଘର ଉପାଧ୍ୟକ୍ଷ ସୁନିଲ କୁମାର ଦାଶ ଓ ସମ୍ପାଦକ ଦିଲୀପ ସାହୁ ପ୍ରମୁଖ ଯୋଗଦେଇଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର କୁମାର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରି ପ୍ରତ୍ୟେକ ଶିକ୍ଷାର୍ଥୀ ନିଜକୁ ଏକ ଉତ୍ତମ କ୍ରୀଡ଼ାବିତ୍ ଭାବେ ଗଢି ତୋଳିବା ପାଇଁ ଉଦ୍ୟମ କରିବା ସହ ଖେଳ ମାଧ୍ୟମରେ ଦେଶର ସୁନାମ ଆଣିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ୧୦୦ ଓ ୨୦୦ମିଟର ଦୌଡ, ୪୦୦ମିଟର ରିଲେ ରେସ୍, ଚକୋଲେଟ୍ ରେସ, ଅଭିଭାବକମାନଙ୍କ ମଧ୍ୟରେ ଦୌଡ, ମାର୍ବଲ, ଚାମଚ ରେସ୍, ପୁଆବାଡି, ଶିକ୍ଷୟିତ୍ରୀ ଶିକ୍ଷକ ମାନଙ୍କ ମଧ୍ୟରେ ଦୌଡ ଆଦିପ୍ରତିଯୋଗିତା ହୋଇଥିଲା। କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଦ୍ୱାରା ଜାତୀୟ ଓ ସମ୍ଭାଗସ୍ତରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଆୟୋଜିତ ଖେଳକୁଦ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରତିଯୋଗିତାରେ ବିଦ୍ୟାଳୟର ଟାଗୋର ହାଉସ ପ୍ରଥମ, ଅଶୋକ ହାଉସ ଦ୍ୱିତୀୟ ଓ ସୁବାସ ହାଉସ ତୃତୀୟସ୍ଥାନ ହୋଇଥିଲେ । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଓ ଯୋଗ ପ୍ରଦର୍ଶନ ହୋଇଥିଲା । କ୍ରୀଡ଼ା ଶିକ୍ଷକ ଦିବ୍ୟ ମୋହନ ପ୍ରଧାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ । ରତ୍ନାକର ପ୍ରଧାନ, ଦୁଃଶାସନ ବେହେରା, ଅଭିକ ଚକ୍ରବର୍ତ୍ତୀ, ବାସୁଦେବ ବେହେରା, ଦିବାକର ନାୟକ, ରଶ୍ମୀରଞ୍ଜନ ରାଉତ, ଶୁଭଶ୍ରୀ ଦାସ, ସୁଶ୍ରୀ ଶୁଭ୍ରଜ୍ୟୋତି ରାଉତ, ଇତିଶ୍ରୀ ସାହୁ, ବିକାଶ କୁମାର, ଦିୱାନ ସିଂହ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ରାଜ୍ୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଢେଙ୍କାନାଳକୁ ୯ ପଦକ




ଢେଙ୍କାନାଳ,୧୨।୧୨(ରତନ ନାୟାର)

ଭଦ୍ରକ ଚରମ୍ପା ରୋଡ଼ସ୍ଥିତ ମହାବୀର ଭବନରେ ଗତ ୬ ରୁ ୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ଓଡ଼ିଶା ରାଜ୍ୟ ଓପନ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଢେଙ୍କାନାଳ ଟାଏକୋଣ୍ଡୋ ଫାଇଟ୍ ଏକ୍ସ ଏକାଡେମୀର ୯ଜଣ ପ୍ରତିଯୋଗୀ ଭାଗନେଇ ପଦକ ହାସଲ କରିଥିଲେ । ୧୨ରୁ ୧୪ ବର୍ଷ କ୍ୟାଡେଟ୍ ବିଭାଗରେ ଓମ୍ ସ୍ୱରୁପ ୭୦କେଜି କମ୍ ବର୍ଗରେ ସ୍ୱର୍ଣ୍ଣ ପଦକ, ସୋମେଶ ପ୍ରଧାନ ୧୭୨ସିଏମ୍ କମ୍ ବର୍ଗରେ ସ୍ୱର୍ଣ୍ଣ ପଦକ, ପ୍ରଥମେଶ ସାହୁ ୬୫କେଜି କମ୍ ବର୍ଗରେ ରୌପ୍ୟ ପଦକ, ମହିମା ପ୍ରସାଦ ମହାପାତ୍ର ୧୬୦ସିଏମ୍‌ରେ ବ୍ରୋଞ୍ଜ୍ ପଦକ ହାସଲ କରିଥିଲେ । ସେହିପରି ୫ରୁ ୯ବର୍ଷ ମଧ୍ୟରେ ୪୧କେଜି କମ୍ ବର୍ଗରେ ସ୍ୱାସ୍ତିକ ସ୍ୱରୂପ ସ୍ୱର୍ଣ୍ଣ ପଦକ, ସୌମ୍ୟରଞ୍ଜନ ମହାରଣା ୨୭କେଜି କମ୍ ବର୍ଗରେ ରୌପ୍ୟ ପଦକ ଓ ବିଦ୍ୱାନ ମହାପାତ୍ର ୨୯କେଜି କମ୍ ବର୍ଗରେ ବ୍ରୋଞ୍ଜ୍ ପଦକ ହାସଲ କରିଥିଲେ । ସୁପର ସବ୍ ଜୁନିୟର ବ୍ୟକ୍ତିଗତ ପୁମସି ବିଭାଗରେ ସ୍ୱସ୍ତିକ ସ୍ୱରୂପ ବ୍ରୋଞ୍ଜ୍ ପଦକ ହାସଲ କରିଥିଲେ । ଫାଇଟ୍ ଏକ୍ସ ଏକାଡେମୀର ପଦକ ବିଜେତାମାନେ କୋଚ୍ ବିକାଶ ରଞ୍ଜନ ଜେନାଙ୍କ ନିକଟରେ ପ୍ରଶିକ୍ଷଣ ନେଉଛନ୍ତି । ଢେଙ୍କାନଳ ଟାଏକୋଣ୍ଡୋ ସଂଘର ସଚିବ ବିକାଶ ରଞ୍ଜନ ଜେନା ଓ ସଭାପତି ସୁଭ୍ରାଂଶୁ ଶେଖର ମହାନ୍ତି, ଓଡ଼ିଶା ଟାଏକୋଣ୍ଡୋ ସଂଘ ସଚିବ ଚିନ୍ମୟ ବେହେରା ଓ ଅଭିଭାବକମାନେ ପଦକ ବିଜେତାଙ୍କୁ ଅଭିନନ୍ଦନ ଜଣାଇଥିଲେ ।

## ୨ ଗିରଫ, ୨ ବାଇକ୍ ଜବତ

ବଇଣ୍ଡା, (ପରିକ୍ଷିତ ସାହୁ): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପୋଲିସ ବୁଧବାର ଠାକୁରଗଡ଼ ଅଞ୍ଚଳରେ ଗାଡିମୋଟର ଯାଞ୍ଚ କରିଛି। ଏହି ସମୟରେ ମଦ୍ୟପାନ କରି ବାଇକ୍ ଚଲାଉଥିବା ଅଭିଯୋଗରେ କିଶୋରନଗର ଥାନା ଗମ୍ଭାରୀମହା ଗ୍ରାମର ନେପଲିୟନ ନାୟକ ଓ ରାଣୀବନ୍ଧ ଗ୍ରାମର ରଞ୍ଜନ କୁମାର ସାହୁଙ୍କୁ ଗିରଫ କରିବା ସହ ସେମାନଙ୍କ ବାଇକ୍‌କୁ ଜବତ କରିଛି।

# ପରାବିଲ ଗ୍ରାମବାସୀଙ୍କୁ ମିଳୁ ସ୍ଥାୟୀ ଜମିପଟ୍ଟା

## ରାଜସ୍ୱ ମନ୍ତ୍ରୀଙ୍କୁ ଭେଟିଲେ ପାଲଲହଡ଼ା ବିଧାୟକ

ପବିତ୍ରନଗର,୧୨।୧୨(ନିରୋଜ କୁମାର ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ପରାବିଲ ଗ୍ରାମବାସୀଙ୍କୁ ସ୍ଥାୟୀ ଜମିପଟ୍ଟା ପ୍ରଦାନ ନିମନ୍ତେ ପାଲଲହଡ଼ା ବିଧାୟକ ଅଶୋକ କୁମାର ମହାନ୍ତି ଗୁରୁବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଭୁବନେଶ୍ୱରଠାରେ ସାକ୍ଷାତ କରି ଲିଖିତ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ, ପରାବିଲ ଗ୍ରାମର ବହୁ ପରିବାର ଗ୍ରାମର ଯେଉଁ ସ୍ଥାନରେ ଘରଦ୍ୱାର କରି ଦୀର୍ଘ ୬୦ ବର୍ଷ ହେବ ରହି ଆସୁଛନ୍ତି ସେହି ସ୍ଥାନର ପଟ୍ଟା ଅଦ୍ୟାବଧି ସେମାନଙ୍କୁ ମିଳିନାହିଁ। ଫଳରେ ସେମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ୧୯୬୦ ମସିହାରେ ସମାକୋଇ ନଦୀରେ ବନ୍ୟା ସମୟରେ ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ପବିତ୍ର ମୋହନ ପ୍ରଧାନଙ୍କ ନିର୍ଦ୍ଦେଶରେ ଲୋକମାନେ ଗ୍ରାମର ଉଚ୍ଚ ସ୍ଥାନରେ ଆସି ବସବାସ କରିବା ସହିତ ରହିଆସୁଛନ୍ତି। ତେବେ ବାରମ୍ବାର ଦାବି ସତ୍ତ୍ୱେ ସେମାନଙ୍କୁ ଜମିପଟ୍ଟା ମିଳିନାହିଁ। ତେଣୁ ଗ୍ରାମବାସୀଙ୍କୁ ଜମିପଟ୍ଟା ପ୍ରଦାନ ବ୍ୟବସ୍ଥା କରିବାକୁ ବିଧାୟକ ମହାନ୍ତି ରାଜସ୍ୱ ମନ୍ତ୍ରୀଙ୍କୁ ଭେଟି ଅନୁରୋଧ କରିଛନ୍ତି।


ରାଜସ୍ୱ ମନ୍ତ୍ରୀଙ୍କୁ ଭେଟୁଛନ୍ତି ପାଲଲହଡ଼ା ବିଧାୟକ।

## ୧୫ଶହ ଗଞ୍ଜେଇ ଗଛ ନଷ୍ଟ କରାଗଲା

ଛେଣ୍ଡିପଦା,୧୨।୧୨(ଅଜିତ ଧଳ)

ଅନୁଗୋଳ ଜିଲାର ଛେଣ୍ଡିପଦା, ନିଶା ଓ ଜରପଡ଼ା ଥାନା ଅଞ୍ଚଳରେ ଗଞ୍ଜେଇ ଚାଷ ବୃଦ୍ଧି ପାଉଥିବାବେଳେ ଅବକାରୀ ଓ ପୋଲିସ ବିଭାଗ ପକ୍ଷରୁ ବାରମ୍ବାର ଚଢ଼ାଉ କରାଗଲେ ମଧ୍ୟ ଚାଷର ମୂଳୋତ୍ପାଟନ ସମ୍ଭବ ହେଉନାହିଁ। ପ୍ରାୟ ୧୫ଦିନ ଭିତରେ ନାଉପଦା, ପାତ୍ରପଡ଼ା, ବରପଦା ଅଞ୍ଚଳରୁ ପ୍ରାୟ ୫୦ ଲକ୍ଷ ଟଙ୍କାରୁ ଅଧିକ ଗଞ୍ଜେଇ ଚାଷକୁ ନଷ୍ଟ କରାଯିବା ସହ ଏକ ବନ୍ଧୁକ ଜବତ କରାଯାଇଥିବାବେଳେ ଗୁରୁବାର ପୁଣି ମିଳିତ ଭାବେ ଚଢ଼ାଉ କରାଯାଇଛି। ଜରପଡ଼ା ରେଞ୍ଜର କିଶିଣ୍ଡା, ପୁଟଗାଡିଆ, ହଟିଆନାଳୀ, ନାଉପଦା ଅଞ୍ଚଳର ଜଙ୍ଗଲ ଜମି ଓ ଗୋଚର ଜମିରେ ଦେଢ଼ ଏକର ଜାଗାରେ ଚାଷ ହୋଇଥିବା ୧୫ଶହରୁ ଅଧିକ ପରିପକ୍ୱ ଗଞ୍ଜେଇ ଗଛକୁ କାଟି ପୋଡି ନଷ୍ଟ କରି ଦିଆଯାଇଛି, ଯାହାର ଆନୁମାନିକ ମୂଲ୍ୟ ୧୫ଲକ୍ଷରୁ ଅଧିକ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପ୍ରକାଶ କରିଛି।

# ସୁସ୍ଥ ସମାଜ ଗଠନ ଦିଗରେ ସମସ୍ତେ ଯତ୍ନବାନ ହୁଅନ୍ତୁ



ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ।

ଅନୁଗୋଳ,୧୨।୧୨(ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ଦିବସ ଗୁରୁବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅନ୍ତର୍ଯ୍ୟାମୀ ମିଶ୍ର ଯୋଗଦେଇ ସୁସ୍ଥ ସମାଜ ଗଠନରେ ସମସ୍ତଙ୍କ ଭୂମିକା ରହିଛି ଏବଂ ଏ ଦିଗରେ ସମସ୍ତେ ଯତ୍ନବାନ ହେବା ଉଚିତ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପୂର୍ଣ୍ଣିମା ଉଦ୍‌ଗାତା ଯୋଗଦେଇ ପ୍ରାଥମିକ ସ୍ୱାସ୍ଥ୍ୟସେବା ସମସ୍ତଙ୍କ ପାଇଁ ସବୁ ସମୟରେ, ସବୁଠାରେ ସହଜରେ ଉପଲବ୍ଧ କରାଇବା ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଡା. ଧନଞ୍ଜୟ ବେହେରା ତୃଣମୂଳସ୍ତରରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଡା.ଦେବାଶିଷ ପ୍ରଧାନ ସାର୍ବଜନୀନ ସ୍ୱାସ୍ଥ୍ୟସେବା ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ କହିବା ସହ ଏହାର ପ୍ରଚାର, ପ୍ରସାର ଉପରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସହକାରୀ ଜିଲା ଜନସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ଭରତ କୁମାର ସାହୁ ସଞ୍ଚାଳନ କରିଥିଲେ।

# ଚାରା, ବିହନ କିଣା ରସିଦ ମିଳୁନି: ଅସନ୍ତୋଷ

ଅନୁଗୋଳ,୧୨।୧୨(ମାନସ ବିଶ୍ୱାଳ)

ଅନୁଗୋଳ ଜିଲାରେ ଫଳ ଓ ପନିପରିବା ଚାଷ ପାଇଁ ଚାଷୀ ଆଗଭର ହେଉଛନ୍ତି। ସରକାରୀ ପ୍ରୋତ୍ସାହନ ରହିଥିବାରୁ ଆଗ୍ରହୀ ଚାଷୀମାନେ ଉଦ୍ୟାନ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ଚାରା, ବିହନ କିଣୁଛନ୍ତି। ହେଲେ ଅନେକ ଚାଷୀଙ୍କୁ ଏ ବାବଦ ରସିଦ ପ୍ରଦାନ କରାଯାଉ ନ ଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ଏପରି କି ସରକାରୀ ପ୍ରୋତ୍ସାହନ ରାଶି ପାଇବାରୁ କେତେଜଣ ଚାଷୀ ବଞ୍ଚିତ ରହୁଛନ୍ତି। ସେମାନେ କେତେ ଚାରା, ବିହନ ନେଲେ ସବସିଡି ଅର୍ଥ ପାଇପାରିବେ ସେ ବାବଦରେ ଉଦ୍ୟାନ ବିଭାଗ ପକ୍ଷରୁ ଅବଗତ କରାଯାଉ ନ ଥିବା ଚାଷୀ ଡିଲେଶ୍ୱର ପ୍ରଧାନ, ଗଣେଶ୍ୱର ନାୟକ, ବିଜୟ ସ୍ୱାଇଁ ପ୍ରମୁଖ ଅଭିଯୋଗ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ଗତ ବର୍ଷ ଅନୁଗୋଳ ବ୍ଲକର ବହୁ ଚାଷୀ ଅମୃତଭଣ୍ଡା ଚାଷ କରିଥିଲେ। ଉଦ୍ୟାନ ବିଭାଗ ପକ୍ଷରୁ କେତେଜଣ ନିର୍ଦ୍ଦିଷ୍ଟ ଚାଷୀଙ୍କୁ ମୁଣ୍ଡପିଛା ୭୦୦ ଲେଖାଏ ଅମୃତଭଣ୍ଡା ଚାରା ଯୋଗାଇ ଦିଆଯାଇଥିଲା। କିନ୍ତୁ ଏହି ଚାଷ କେତେ ସଫଳ ଓ ବିଫଳ ତାହା ଅନୁଗୋଳ ବଜାରରେ ଅମୃତଭଣ୍ଡାର କିଲୋ ପିଛା ଦରରୁ ସ୍ପଷ୍ଟ ଜଣାପଡୁଛି। ଯଦି ଏହି ଚାଷ ସଫଳ ହୋଇଥାନ୍ତା ତେବେ ଅନୁଗୋଳ ବଜାରରେ ଅମୃତଭଣ୍ଡା କିଲୋ ପିଛା ୧୦ ଟଙ୍କାରେ ମିଳିଥାନ୍ତା। ହେଲେ ଏହି ପରିବାର ବଜାର ଦର କିଲୋ ପିଛା ୩୦/୪୦ ଟଙ୍କାରୁ କମ୍ ରହୁନାହିଁ। ସେହିପରି ଆଳୁ ବିହନ, କଦଳୀ ଚାରା କିଣିଥିବା ବହୁ ଚାଷୀ ମଧ୍ୟ ରସିଦ ପାଇନାହାନ୍ତି। ଏବର୍ଷ ଆଳୁ ବିହନ କୁଇଣ୍ଟାଲ ପିଛା ୨୦୦୦ ଟଙ୍କାରେ ଚାଷୀଙ୍କୁ ବିକ୍ରି କରାଯାଇଥିବା ବେଳେ କେତେଜଣ ଚାଷୀଙ୍କୁ ରସିଦ ଦିଆଯାଇ ନ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ସୃଷ୍ଟି ହୋଇଥିବା ସମ୍ପୃକ୍ତ ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଅମ୍ବର ଲାଗୁନ କହିଛନ୍ତି, ଚାଷୀମାନଙ୍କ କାଗଜପତ୍ର ଯାଞ୍ଚ କରାଯାଇ କାର୍ଯ୍ୟ କରାଯାଉଛି। ଏଭଳି ଅଭିଯୋଗ ବିଭାଗର ହସ୍ତଗତ ହୋଇନାହିଁ। ଅଭିଯୋଗ ଆସିଲେ ଚାଷୀମାନଙ୍କ ସମସ୍ୟାର ସମାଧାନ କରାଯିବ।

# ମା'ରକ୍ତମାଉଲୀଙ୍କ ବାର୍ଷିକ ପୂଜା ସମାପନ



ଛେଣ୍ଡିପଦା,୧୨।୧୨(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବ୍ରାହ୍ମଣବିଲ ପଞ୍ଚାୟତ କରଡ଼ାବାହଳ ଗ୍ରାମର ବାଙ୍କବାହାଳ ଠାରେ ଥିବା ଅଧିଷ୍ଠାତ୍ରୀ ଦେବୀ ମା'ରକ୍ତମାଉଲୀଙ୍କ ବାର୍ଷିକ ପୂଜା ମାର୍ଗଶିର ମାସ ଶେଷ ଗୁରୁବାରରେ ଅନୁଷ୍ଠିତ ହୋଇଯାଇଛି। ପୂଜା କମିଟି ସଭାପତି ରସାନନ୍ଦ ମାଝିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପୂଜାରେ ଅନୁଗୋଳ, ତାଳଚେର, ଦେବଗଡ଼ ଓ ପଲଲହଡ଼ା ସମେତ ଆଖପାଖ ଅଞ୍ଚଳର ସହସ୍ରାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ସକାଳୁ ଗ୍ରାମରୁ ମା' ହିଙ୍ଗୁଳା ଠାକୁରାଣୀଙ୍କୁ ଏକ ପଟୁଆରରେ ଗ୍ରାମ ପରିକ୍ରମା କରାଯାଇ ମା'ରକ୍ତମାଉଲୀଙ୍କ ପୀଠକୁ ଅଣାଯାଇଥିଲା। ମୁଖ୍ୟ ପୂଜକ ଦୁର୍ଯ୍ୟୋଧନ ଦେହୁରୀ ଓ ସହଯୋଗୀ ଦେବରାଜ ସାହୁଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲ। ୨୭ଜଣ ମହିଳା ଓ ପୁରୁଷ ବିଭିନ୍ନ ମାନସିକ ନେଇ ମା'ଙ୍କ ନିକଟରେ ଅଧିଆ ପଡିଥିବା ଦେଖାଯାଇଥିଲା। ୭୦ଜଣ ଶିଶୁଙ୍କ ମୁଣ୍ଡନ କରାଯାଇଥିଲା। ପୂଜାସ୍ଥଳରେ ଗ୍ରାମବାସୀଙ୍କ ସହଯୋଗରେ ଭକ୍ତମାନଙ୍କ ପାଇଁ ଅନ୍ନଭୋଗ ଓ ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା କରାଯାଇଥିଲା। ଗ୍ରାମ ସଭାପତି ରଞ୍ଜନ ପ୍ରଧାନ, ସମ୍ପାଦକ ବନ୍ଧୁ ପ୍ରଧାନ, ବସନ୍ତ ପ୍ରଧାନ, ଶାନ୍ତନୁ ପ୍ରଧାନ, ପ୍ରଶାନ୍ତ ପ୍ରଧାନ, ଶରତ ପ୍ରଧାନ, ହୃଦାନନ୍ଦ ଦେହୁରୀ, ଲିଟୁ ପ୍ରଧନଙ୍କ ସମେତ ଅନ୍ୟ ସମସ୍ତ ସଭ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ଅନୁଗୋଳ ଜିଲାକୁ ୩ ପଦକ

## ଜାତୀୟସ୍ତରୀୟ ସ୍କୋଏ ମାର୍ଶଲ ଆର୍ଟ ପ୍ରତିଯୋଗିତା

ଅନୁଗୋଳ,୧୨।୧୨(ମାନସ ବିଶ୍ୱାଳ)

ଜାତୀୟସ୍ତରୀୟ ସ୍କୋଏ ମାର୍ଶଲ ଆର୍ଟ ପ୍ରତିଯୋଗିତାରେ ଅନୁଗୋଳ ଜିଲାକୁ ୩ ପଦକ ମିଳିଛି। ଚଳିତ ମାସ ୭ରୁ ୯ ତାରିଖ ପର୍ଯ୍ୟନ୍ତ ୨୪ ତମ ଜାତୀୟସ୍ତରୀୟ ସ୍କୋଏ ମାର୍ଶଲ ଆର୍ଟ ପ୍ରତିଯୋଗିତା ହରିୟାଣାର ପଞ୍ଚକୁଲାଠାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ ଅନୁଗୋଳ ଜିଲାରୁ ୧୩ ଜଣ ଖେଳାଳି ଭାଗ ନେଇ ୨ଟି କାଂସ୍ୟ ଓ ଗୋଟାଏ ରୌପ୍ୟ ପଦକ ହାସଲ କରି ଜିଲା ପାଇଁ ଗୌରବ ଅର୍ଜନ କରିଛନ୍ତି। ପଦକ ହାସଲ କରୁଥିବା ଖେଳାଳିମାନେ ହେଲେ ବାଳିକା ବିଭାଗର କାବ୍ୟା ଦାସ (ରୌପ୍ୟ ପଦକ), କନିଷ୍ଠ ବାଳିକା ବିଭାଗର ତରାଂଶୀ (କାଂସ୍ୟ ପଦକ) ଓ ବାଳକ ବିଭାଗର ପ୍ରଜ୍ୱଳ ଗୋଡ଼ଠିଆ (କାଂସ୍ୟ)। ସମ୍ପୃକ୍ତ ଖେଳାଳିମାନଙ୍କୁ ରାଜ୍ୟ ଉପ ସଭାପତି ଓ ଜିଲା ସମ୍ପାଦକ ଦୁଷ୍ୟନ୍ତ କୁମାର ନାଥ ଅନୁଗୋଳ ରେଳଷ୍ଟେଶନ ଠାରେ ପୁଷ୍ପମାଳ ଦେଇ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ।


ଅନୁଗୋଳର ଖେଳାଳିମାନଙ୍କୁ ସ୍ୱାଗତ କରାଯାଉଛି।

# ମହୁମାଛି ଆକ୍ରମଣରେ ବାପ, ପୁଅ ଗୁରୁତର

ବଆଁରପାଳ,୧୨।୧୨ (ସୁବାସ ସାହୁ)

ନାଲୋନଗରରେ ଗୁରୁବାର ମଧ୍ୟାହ୍ନରେ ମହୁମାଛି ଆକ୍ରମଣରେ ବାପ, ପୁଅ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ଲଳିତ ବିଶ୍ୱାଳ ପୁଅ ସ୍ୱସ୍ତିକ ବିଶାଳକୁ ନାଲ୍‌କୋନଗର କଲୋନୀସ୍ଥିତ ସ୍କୁଲରୁ ଘରକୁ ନେଉଥିବା ସମୟରେ ନାଲ୍‌କୋ ଭିଆଇପି ଗେଷ୍ଟ ହାଉସ ସମ୍ମୁଖରେ ମହୁମାଛି ଆକ୍ରମଣର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନାଲ୍‌କୋ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରୁ ଉଭୟଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ମହୁମାଛି ଆକ୍ରମଣରୁ ଅନ୍ୟ ପଥଚାରୀଙ୍କୁ ବଞ୍ଚାଇବା ପାଇଁ ନାଲ୍‌କୋ ସୁରକ୍ଷା ସଂସ୍ଥା ପକ୍ଷରୁ ୩ ନମ୍ବର ଫାଟକକୁ ବନ୍ଦ କରିଦିଆଯାଇଥିଲା।

# ନାଲ୍‌କୋ ସାରେଗାମାର ୬ଷ୍ଠ ସଂସ୍କରଣ ଉତ୍ସବ



ସାରେଗାମା ଦ୍ୱାରା ଆୟୋଜିତ 'କିଶୋର କୁମାର ସନ୍ଧ୍ୟା' ଅବସରରେ ଅତିଥିଙ୍କ ସହ ଅନ୍ୟମାନେ।

ବଆଁରପାଳ,୧୨।୧୨ (ସୁବାସ ସାହୁ)

ଅନୁଗୋଳ ଜିଲା ବଆଁରପାଳ ବ୍ଲକ ନାଲ୍‌କୋନଗର ସ୍ଥିତ ସେବା ଓ ସଂସ୍କୃତିର ଅନୁଷ୍ଠାନ ସାରେଗାମା ଦ୍ୱାରା 'କିଶୋର କୁମାର ସନ୍ଧ୍ୟା'ର ଷଷ୍ଠ ସଂସ୍କରଣ ଆର୍ଯ୍ୟବ୍ରତ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ନାଲ୍‌କୋ ନିର୍ଦ୍ଦେଶକ (ଅର୍ଥ) ରମେଶ ଚନ୍ଦ୍ର ଯୋଶୀ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନ୍ୟ ସମ୍ମାନିତ ଅତିଥିଙ୍କ ମଧ୍ୟରେ ନିର୍ବାହୀ ନିର୍ଦ୍ଦେଶକ ନେରାଲା ସୁବ୍ରମଣ୍ୟମ ଓ ସାରେଗାମା ସଭାପତି ଅମରେନ୍ଦ୍ର ମିଶ୍ର, ମୁଖ୍ୟ ପରାମର୍ଶଦାତା ଶୁଭେନ୍ଦୁ କୁମାର ନାୟକ, ଜିଜିଏମ ସିଆର୍‌ଜି ପ୍ରମୋଥ କୁମାର ମହାନ୍ତି, ଜିଜିଏମ (ଓଆଣ୍ଡଏମ) ସ୍ମେଲଟର ସଚ୍ଚିଦାନନ୍ଦ ଜେନା, ଜିଜିଏମ (ଓଆଣ୍ଡଏମ) ସିପିପି ସତ୍ୟବାଦୀ ମିଶ୍ର, ଜିଜିଏମ (ଟିଆଣ୍ଡସି) ସକିରୁଲ ରହେମାନ, ଜିଜିଏମ (ଅର୍ଥ) ପ୍ରଶାନ୍ତ କୁମାର ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ନୂତନ ନିର୍ବାଚିତ ମୁଖ୍ୟ ପରାମର୍ଶଦାତା ଶୁଭେନ୍ଦୁ କୁମାର ନାୟକଙ୍କ ନାମ ସଭାପତି ଅମରେନ୍ଦ୍ର କୁମାର ମିଶ୍ରଙ୍କ ଦ୍ୱାରା ଘୋଷଣା କରାଯାଇଥିଲା। ଉପ ସଭାପତି କିଶୋର କୁମାର ବେହେରା, ଯୁଗ୍ମ ସମ୍ପାଦକ ଅବିନାଶ ପ୍ରଧାନ ଉପସ୍ଥିତ ଥିଲେ। କିଶୋର କୁମାରଙ୍କ ସୁମଧୁର ଗୀତଗୁଡ଼ିକୁ ତପନ କୁମାର ମିଶ୍ର, ସୁନୋନ୍ଦ ସେନ, ଶ୍ରୀମତୀ ସେନ, ରଞ୍ଜନ ସ୍ୱାଇଁ, ଅବିନାଶ ପ୍ରଧାନ, ପ୍ରମୋଦ କୁମାର ପାଣିଗ୍ରାହୀ, ପ୍ରୀତିପଦ୍ମା ସାହୁ, ସୋମେଶ ମହାପାତ୍ର ଓ ଶ୍ରୀମତୀ ମହାପାତ୍ର ପରିବେଷଣ କରିଥିଲେ।

# ଓଡ଼ିଆ ଅସ୍ମିତାର ପ୍ରତୀକ ଶ୍ରୀଜଗନ୍ନାଥ

ତାଳଚେର,୧୨।୧୨(ମନୋଜ ନନ୍ଦ)

ତାଳଚେର ବ୍ଲକ ସାଉଥବଲଣ୍ଡାସ୍ଥିତ ନୀଳକଣ୍ଠେଶ୍ୱର ମହାବିଦ୍ୟାଳୟ ପରିସରରେ ଓଡ଼ିଆ ବିଭାଗ ଆନୁକୂଲ୍ୟରେ 'ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ବଳଭଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ କଲେଜର ସହକାରୀ ପ୍ରାଧ୍ୟାପକ ରୁଦ୍ରନାରାୟଣ ସାହୁ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଦିଗାମ୍ବର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଓଡ଼ିଆ ଅସ୍ମିତାର ପ୍ରତୀକ ହେଲେ ଶ୍ରୀଜଗନ୍ନାଥ ବୋଲି ମତବ୍ୟକ୍ତ କରିଥିଲେ। ଶ୍ରୀଜଗନ୍ନାଥଙ୍କ ବିନା ଓଡ଼ିଆ ସାହିତ୍ୟର ପରିକଳ୍ପନା ଅସମ୍ଭବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଅଧ୍ୟାପକ ସାହୁ ଓଡ଼ିଆ ଅସ୍ମିତା ଓ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ସମ୍ବନ୍ଧରେ ଆଲୋଚନା କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଡ.ଦୀପକ କୁମାର ପ୍ରଧାନ କାର୍ଯ୍ୟକ୍ରମର ଆଭିମୁଖ୍ୟ କହିଥିଲେ। ଛାତ୍ରୀ ସୁଶ୍ରୀ ବିଷ୍ଣୁପ୍ରିୟା, ଈପ୍‌ସିତା, ପୂଜାରାଣୀ, ଅଧ୍ୟାପିକା ସୋନାଲି ଭୂଟିଆ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ପୂର୍ବତନ ଛାତ୍ର ବିଭୂତି ଭୂଷଣ ସ୍ୱାଇଁ, ପତିତପାବନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।




# ପ୍ରାଣୀଧନ ଚିକିତ୍ସାଳୟ ପୁନଃ ନିର୍ମାଣ ଦାବି

ବଇଣ୍ଡା,୧୨।୧୨(ପରିକ୍ଷିତ ସାହୁ)



ଆଠମଲ୍ଲିକ ଉପଖଣ୍ଡର ଏକ ବ୍ୟବସାୟିକ କେନ୍ଦ୍ର ବଇଣ୍ଡା ଅଞ୍ଚଳରେ ଥିବା ପ୍ରାଣୀଧନ ଚିକିତ୍ସାଳୟକୁ ଜାତୀୟ ରାଜପଥ ସମ୍ପ୍ରସାରଣ ବେଳେ ୨୦୧୭ରେ ଉଚ୍ଛେଦ କରାଯାଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ପୁନଃନିର୍ମାଣ ହେଉନାହିଁ। ତେଣୁ ଏହାର ପୁନଃ ନିର୍ମାଣ ପାଇଁ ବୁଧବାର ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ବିଧାନସଭାରେ ଦାବି କରିଛନ୍ତି। ବିଧାୟକ କହିଛନ୍ତି, ବଇଣ୍ଡା ସହ ୫ଟି ପଞ୍ଚାୟତର ଗୃହପାଳିତ ପ୍ରାଣୀଧନ ଏହି ଡାକ୍ତରଖାନା ଉପରେ ନିର୍ଭରଶୀଳ ଥିବାରୁ ତୁରନ୍ତ ନିର୍ମାଣ କରାଯାଉ। ଏଥିସହ ଖାଲି ପଡ଼ିଥିବା ପଦବୀ ପୂରଣ କରାଯାଉ। ବିଧାୟକଙ୍କ ପ୍ରଶ୍ନର ଉତ୍ତରଦେଇ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି, ବଇଣ୍ଡାଠାରେ ନିର୍ମାଣ ହେବାକୁ ଥିବା ପ୍ରାଣୀଧନ ଚିକିତ୍ସାଳୟ ପାଇଁ କିଶୋରନଗର ତହସିଲଦାରଙ୍କୁ ଜମି ଯୋଗାଇଦେବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ୫୩୧ ଜଣଙ୍କ ଡାକ୍ତରୀ ପରୀକ୍ଷା


ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥିମାନେ।

ପବିତ୍ରନଗର,୧୨।୧୨(ନିରୋଜ କୁମାର ପ୍ରଧାନ)

କଣିହାଁ ବ୍ଲକ ପରିସରରେ ବୁଧବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଦେବଦତ୍ତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଏମ୍‌ପିଙ୍କ ପ୍ରତିନିଧି ଦେବେନ୍ଦ୍ର ବାରିକ, ତାଳଚେର ବିଧାୟକଙ୍କ ପ୍ରତିନିଧି ସୁନୀଲ କୁମାର ପ୍ରଧାନ, ପାଲଲହଡା ବିଧାୟକଙ୍କ ପ୍ରତିନିଧି ପ୍ରହ୍ଲାଦ ସାମଲ, ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ଜିଲା ପରିଷଦ ସଦସ୍ୟ ରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ଶିବିରର ଶୁଭାରମ୍ଭ କରିଥିଲେ। ଏଥିରେ ଅସ୍ଥିଶଲ୍ୟ ବିଭାଗର ୨୭୩ ଜଣ, ଭେଷଜ ବିଭାଗର ୫୫, ଶିଶୁ ବିଭାଗର ୩୨, ଇଏନ୍‌ଟି ବିଭାଗର ୬୭, ମାନସିକ ରୋଗ ବିଭାଗର ୩୬, ଚକ୍ଷୁ ବିଭାଗର ୬୮ ଜଣଙ୍କୁ ମିଶାଇ ମୋଟ ୫୩୧ ଜଣଙ୍କ ଡାକ୍ତରୀ ପରୀକ୍ଷା କରାଯାଇଥିଲା। ଡାକ୍ତର ଦୁର୍ଲ୍ଲଭ ସାହୁ, ପି.କେ. ମହାନ୍ତି, ଦୀପକ ଗଡ଼ନାୟକ, ନୀଳମାଧବ ପ୍ରଧାନ, ନିରୋଦ କୁମାର ସାହୁ, ରଶ୍ମିତା ଭଞ୍ଜଦେଓ ପ୍ରମୁଖ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିରରେ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ପାଇଁ ୪ଜଣ, ବସ୍ ଓ ଟ୍ରେନ୍ ପାସ୍ ପାଇଁ ୧୮ଜଣଙ୍କୁ ଚିହ୍ନଟ କରାଯାଇଥିବା ବେଳେ ୪ ଜଣଙ୍କୁ ଶ୍ରବଣ ଯନ୍ତ୍ର, ଜଣଙ୍କୁ ଚକଲଗା ଚୌକି, ଏବଂ ଜଣଙ୍କୁ ୱାକର ପ୍ରଦାନ କରାଯାଇଥିଲା। ଶିବିରରେ କାର୍ଯ୍ୟକାରୀ ପଞ୍ଚାୟତ ଉନ୍ନୟନ ଅଧିକାରୀ ବିଜୟ କୁମାର ସାହୁ, କାର୍ଯ୍ୟକାରୀ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଟୁକୁନା ବେହେରା, ବ୍ଲକ ପ୍ରୋଗ୍ରାମ ଅଧିକାରୀ ବୁଲୁ ବିଶ୍ୱାଳଙ୍କ ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଏଡିଇଓ, ସରପଞ୍ଚ ଏବଂ ସମିତି ସଭ୍ୟ ଯୋଗଦେଇଥିଲେ।

## ମୁଖ୍ୟ ଚିକିତ୍ସାଳୟ ବିତ୍ତ ଅଧିକାରୀଙ୍କ ଦେହାନ୍ତ

ଅନୁଗୋଳ,୧୨।୧୨ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର ମୁଖ୍ୟ ବିତ୍ତ ଅଧିକାରୀ ସପନ କୁମାର ପାତ୍ର (୫୨)ଙ୍କ ଦେହାନ୍ତ ହୋଇଯାଇଛି। ସେ ଦୀର୍ଘଦିନ ହେବ ଅସୁସ୍ଥ ହୋଇ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ଗୁରୁବାର ସକାଳ ୯ ଘଟିକାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ତାଙ୍କ ପୈତୃକ ଘର ବାଲେଶ୍ୱର ଜିଲା ଭୋଗରାଇ ଅଞ୍ଚଳରେ। ତାଙ୍କ ମୃତ୍ୟୁ



ଖବର ଜଣାପଡ଼ିବା ପରେ ଜିଲା ମୁଖ୍ୟ ଚିକିତ୍ସାଳୟର କର୍ମଚାରୀ ମହଲରେ ଶୋକର ଛାୟା ଖେଳିଯାଇଥିଲା। ମୁଖ୍ୟ ଚିକିତ୍ସାଳୟର କର୍ମଚାରୀମାନେ ଏକ ଶୋକସଭା କରିବା ସହ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରିଥିଲେ। ସ୍ୱର୍ଗତ ପାତ୍ର ଜଣେ ମେଳାପି, କର୍ତ୍ତବ୍ୟପରାୟଣ ବ୍ୟକ୍ତି ଥିଲେ।

# ମାଣବସା ଲକ୍ଷ୍ମୀପୂଜାରେ ମହକିଲା ଅଞ୍ଚଳ

ଆଠମଲ୍ଲିକ,୧୨।୧୨(ଉଦୀପ୍ତ ପୁରୋହିତ)/ ବଇଣ୍ଡା (ପରିକ୍ଷିତ ସାହୁ)

ପବିତ୍ର ମାର୍ଗଶିର ମାସର ଶେଷ ଗୁରୁବାରରେ ଆଠମଲ୍ଲିକ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ମାଣବସା ଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ଘରେ ଘରେ ବିଭିନ୍ନ ପିଠାପଣା, ଖିରି ଆଦି ଭୋଗ ପ୍ରସ୍ତୁତ କରାଯାଇଥିବା ବେଳେ ଧୂପ, ଦୀପ, ନୈବେଦ୍ୟର ବାସ୍ନାରେ ଅଞ୍ଚଳ ମହକି ଉଠିଥିଲା। ଏହି ଅବସରରେ ନଅଗାଁ ପଞ୍ଚାୟତ ଲିପିଲୋଇ ଗ୍ରାମରେ ଧୁମଧାମରେ ମାଣବସା ଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ମାଣବସା ପୂଜା କମିଟି ସଭାପତି ଗଦାଧର ଅମାନ୍ତ, ସମ୍ପାଦକ ପ୍ରଶାନ୍ତ ଦନ୍ତା ଏହାର ପରିଚାଳନା କରିଥିବା ବେଳେ କର୍ତ୍ତା ଭାବେ ପ୍ରଫୁଲ୍ଲ ଦନାୟକ ଦାୟିତ୍ୱ ସମ୍ପାଦନ କରିଥିଲେ। ପୂଜକ ଟିକନ ମିଶ୍ର ମା'ଙ୍କ ନୀତିକାନ୍ତି କରିଥିଲେ। ଏହି ଅବସରରେ ସହରସ୍ଥିତ ଲକ୍ଷ୍ମୀ ନାରାୟଣ ମନ୍ଦିରରେ ସନ୍ଧ୍ୟାରେ ପ୍ରଭୁ ନାରାୟଣଙ୍କ ନିକଟରେ ଅନୁଷ୍ଠିତ ସ୍ୱତନ୍ତ୍ର ପୂଜା ଓ ଆଳତି କାର୍ଯ୍ୟକ୍ରମରେ ବହୁ ମହିଳା ଶ୍ରଦ୍ଧାଳୁ ସମବେତ ହୋଇ ଆଳତୀ ନେବା ସହିତ କୃପାଭିକ୍ଷା କରିଥିଲେ। ପୂଜକ ବୁଲୁ ପାଣିଗ୍ରାହୀ ଉପସ୍ଥିତ ରହି ସ୍ୱତନ୍ତ୍ର ଆଳତି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ସେହିପରି କିଶୋରନଗର ବ୍ଲକର ବଇଣ୍ଡା, ଠେଲକନାଳି, କିଶୋରନଗର ଅଞ୍ଚଳରେ ମାଣବସା ଗୁରୁବାର ଲକ୍ଷ୍ମୀପୂଜା ପାଳିତ ହୋଇଯାଇଛି। ନିକଟସ୍ଥ ନାଳରୁ କଳସରେ ପାଣି ଅଣାଯିବା ପରେ ମା'ଙ୍କ ପୂଜା ଆରମ୍ଭ ହୋଇଥିଲା। ପୂଜକ ପ୍ରକାଶ ମିଶ୍ର ପୂଜା କରିଥିବାବେଳେ ରଙ୍ଗବେରଙ୍ଗ ଆଲୋକମାଳାରେ ପୂଜାମଣ୍ଡପ ଝଲସି ଉଠିଥିଲା। ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ପୂଜା କମିଟିର ସୁଶାନ୍ତ ଦ୍ୱାରୀ, ବିକାଶ କୁମାର ସାହୁ, ଦିଲୀପ କୁମାର ଶଙ୍ଖାରୀ, କାଳିଆ ସାହୁ, ଶିବାନନ୍ଦ ଶଙ୍ଖାରୀ, ଅନନ୍ତ ଦ୍ୱାରୀ ପ୍ରମୁଖ ସହଯୋଗ କରିଥିଲେ।





